# NATIONAL NEWS BULLETIN (ODIA)

**9 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କଳାକୃତି ମାଧ୍ୟମରେ ବିଭିନ୍ନ ସଂସ୍କୃତି ସହିତ ଜଡ଼ିତ ହୋଇ ମଣିଷ ପରସ୍ପର ମଧ୍ୟରେ ସୁସମ୍ପର୍କ ଗଢ଼ିଥାଏ; କହିଲେ ରାଷ୍ଟ୍ରପତି

– ୪୮ ଜଣଙ୍କୁ ପ୍ରଦାନ କଲେ ଜାତୀୟ ହସ୍ତଶିଳ୍ପ ପୁରସ୍କାର

- ଦେଶକୁ ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ କରିବା ଲାଗି ସରକାର ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି; ସୂଚନା ଦେଲେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

- ଚଳିତ ବର୍ଷ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୩୫୭ ମିଲିୟନ ଟନ୍‌ରୁ ଅଧିକ ହେବା ଆକଳନ

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି କଟକ ବାରବାଟୀ ଷ୍ଟାଡିୟମଠାରେ ଖେଳାଯିବ ପ୍ରଥମ ଟି-୨୦ କ୍ରିକେଟ ମ୍ୟାଚ୍ ।

# ପ୍ରେସିଡେଣ୍ଟ-ହ୍ୟାଣ୍ଡିକ୍ରାପ୍ଟସ ଆୱାର୍ଡସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କଳାକୃତି ମାଧ୍ୟମରେ ବିଭିନ୍ନ ସଂସ୍କୃତି ସହ ମଣିଷ ଜଡ଼ିତ ହୋଇଥାଏ ଏବଂ ପରସ୍ପର ମଧ୍ୟରେ ସୁସମ୍ପର୍କ ଗଢ଼ି ଉଠିଥାଏ। ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କାରିଗରମାନଙ୍କୁ ୨୦୨୩-୨୪ ବର୍ଷ ଲାଗି ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରିବା ଅବସରରେ ଏହା କହିଛନ୍ତି। ଏହି ପୁରସ୍କାରଗୁଡ଼ିକ ଅତୁଳନୀୟ କଳାତ୍ମକ ଉତ୍କର୍ଷତାକୁ ସ୍ୱୀକୃତି ଦେବା ସହ ଦେଶର ସମୃଦ୍ଧ ଓ ବିବିଧ ହସ୍ତଶିଳ୍ପ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ହସ୍ତଶିଳ୍ପ କେବଳ ଏକ ସାଂସ୍କୃତିକ ପରିଚୟ ନୁହେଁ ବରଂ ଲୋକମାନଙ୍କ ଜୀବନଧାରଣାରେ ଏକ ପ୍ରମୁଖ ଅଙ୍ଗ। ସେ କହିଛନ୍ତି, ଦେଶର ପ୍ରାୟ ୩୨ ଲକ୍ଷ ଲୋକ ହସ୍ତଶିଳ୍ପ କ୍ଷେତ୍ରରେ ନିୟୋଜିତ ଥିଲାବେଳେ ଅଧିକାଂଶ ଗ୍ରାମୀଣ କ୍ଷେତ୍ରର ଅଟନ୍ତି।

**V/O – PREZ MURMU**

୨୦୨୩ ମସିହା ପାଇଁ ପଶ୍ଚିମବଙ୍ଗର ଅଜିତ କୁମାର ଦାସ ଏବଂ ଆନ୍ଧ୍ରପ୍ରଦେଶର ଡି.ଶିବମାଙ୍କୁ ଶିଳ୍ପୀ ଗୁରୁ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୪ ପାଇଁ ତାମିଲନାଡୁର ଟି.ବାସ୍କରନ୍, ପଶ୍ଚିମବଙ୍ଗର ରୁପବନ ଚିତ୍ରକାର ଏବଂ ମଧ୍ୟପ୍ରଦେଶର ବଳଦେବ ବାଗମାରେଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉଭୟ ବର୍ଷ ପାଇଁ ୧୨ ଜଣ କଳାକାରଙ୍କୁ ଶିଳ୍ପୀଗୁରୁ ପୁରସ୍କାର ମିଳିଥିବା ବେଳେ ୩୬ ଜଣଙ୍କୁ ହସ୍ତଶିଳ୍ପ ବର୍ଗରେ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।

## ପିଏମ୍- ଡିଡି ସାଂସ୍କ୍ରିଟ୍ ପ୍ରୋଗ୍ରାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସାଂସ୍କୃତିକ ଏବଂ ଆଧାତ୍ମିକ ଜୀବନରେ ସଂସ୍କୃତର ଗୁରୁତ୍ୱ ରହିଥିବା କହିଛନ୍ତି। ଦୂରଦର୍ଶନର 'ସୁପ୍ରଭାତମ୍' କାର୍ଯ୍ୟକ୍ରମରେ ପ୍ରସାରିତ ହେଉଥିବା ସଂସ୍କୃତ କାର୍ଯ୍ୟକ୍ରମକୁ ଅବତାରଣା କରି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ସଂସ୍କୃତ ସୁଭାଷିତ କାର୍ଯ୍ୟକ୍ରମରେ ସଂସ୍କୃତି ଏବଂ ମୂଲ୍ୟବୋଧର ବାର୍ତ୍ତା ରହିଛି।

## ଏଲଏସ୍- ଲେଫ୍ଟ ୱିଙ୍ଗ୍ ଏକ୍ସଟ୍ରିଜିମ୍

ଦେଶକୁ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ କରିବା ଲାଗି ଶୂନ୍ୟ ସହନଶୀଳ ନୀତି ଆପଣାଯାଇଛି ବୋଲି ଆଜି ସରକାରଙ୍କ ପକ୍ଷରୁ କୁହାଯାଇଛି। ଲୋକସଭାରେ ପ୍ରଶ୍ନକାଳରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ଉଗ୍ରବାଦର ମୁକାବିଲା ଲାଗି କେନ୍ଦ୍ର ସରକାର' ରାଜ୍ୟ ସରକାର ଗୁଡ଼ିକର ସହାୟତାରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେ କହିଛନ୍ତି, ବାମପନ୍ଥୀ ଉଗ୍ରବାଦ ସମ୍ବିଧାନ କିମ୍ବା ଗଣତନ୍ତ୍ରରେ ବିଶ୍ୱାସ କରୁନାହାଁନ୍ତି। ହଜାର ହଜାର ସରଳ ଲୋକଙ୍କୁ ହତ୍ୟା କରିଥିବାରୁ ଅନେକ ପିଲା ପିତୃମାତୃହୀନ ହୋଇପଡ଼ିଛନ୍ତି। ମନ୍ତ୍ରୀ କହିଛନ୍ତି, ୧୯୬୭ ମସିହା ପରଠାରୁ ଦେଶରେ ଏହି ସମସ୍ୟା ଲାଗି ରହିଥିବାବେଳେ ଏହାର ମୂଳୋତ୍ପାଟନ ପାଇଁ ପୂର୍ବରୁ ଚେଷ୍ଟା କରାଯାଇ ନ ଥିଲା। ସେ କହିଛନ୍ତି, ପୂର୍ବରୁ କେନ୍ଦ୍ର ସରକାର ଏହାକୁ ରାଜ୍ୟର ସମସ୍ୟା ବୋଲି ବିଚାର

କରୁଥିଲେ, ତେଣୁ ଉଗ୍ରବାଦ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିନଥିଲେ।

**V/O– Nityananda Roy**

ଶ୍ରୀ ରାୟ ଗୃହକୁ ସୂଚନା ଦେଇ କହିଛନ୍ତି, ବାମପନ୍ଥୀ ଉଗ୍ରବାଦର ମୁକାବିଲା କରିବା ଲାଗି ରାଜ୍ୟଗୁଡ଼ିକୁ ସି.ଏ.ପି.ଏଫ୍ ବାଟାଲିୟନ୍ ଯୋଗାଇ ଦିଆଯାଇଛି। ସୁରକ୍ଷା ସମ୍ପର୍କିତ ବ୍ୟୟ ଲାଗି ୩ ହଜାର ୫୨୩ କୋଟି ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ବାବଦକୁ ୩ ହଜାର ୮୪୮ କୋଟି ଟଙ୍କା  ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଏହା ବ୍ୟତୀତ ୭୦୬ଟି ପୁଲିସ ଷ୍ଟେସନ୍ ସ୍ଥାପନ ପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି। ମାଓ ପ୍ରଭାବିତ ଅଞ୍ଚଳରେ ୧୭ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ୨୦ ହଜାର ୮୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ୮୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ବିଭିନ୍ନ ଅଞ୍ଚଳରେ ୧୦ ହଜାରରୁ ଅଧିକ ମୋବାଇଲ ଟାୱାର ସ୍ଥାପନ କରାଯାଇଛି। ଶ୍ରୀ ରାୟ କହିଛନ୍ତି, ୨୦୦୪ରୁ ୨୦୧୪ ମଧ୍ୟରେ ୧୬ ହଜାରରୁ ଅଧିକ ମାଓଜନିତ ହିଂସା ଘଟିଥିବା ବେଳେ ଗତ ୧୦ ବର୍ଷରେ ଏହା ୭ ହଜାରକୁ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ସାଧାରଣ ନାଗରିକଙ୍କ ମୃତ୍ୟୁସଂଖ୍ୟାରେ ମଧ୍ୟ ୭୦ ପ୍ରତିଶତ ହ୍ରାସ ପାଇଥିବା ମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି।

# ଏଲ୍ଏସ୍- ଚୌହ୍ୱାନ ଫୁଡ୍ଗ୍ରେନ୍ସ

ଚଳିତ ବର୍ଷ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୩୫୭ ମିଲିୟନ ଟନ୍ରୁ ଅଧିକ ହେବା ନେଇ ଆକଳନ କରାଯାଇଛି। ଗତ ବର୍ଷ

ତୁଳନାରେ ଏହା ୭ ଦଶମିକ ୬/୫ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି। ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି, ଦେଶର କୃଷକମାନଙ୍କ କଠିନ ପରିଶ୍ରମ ଏବଂ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ସମର୍ଥିତ ନୀତି ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସେ କହିଛନ୍ତି, ୨୦୨୪-୨୫ରେ ଦେଶରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା। ୨୦୧୪-୧୫ ତୁଳନାରେ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୪୨ ପ୍ରତିଶତ ବୃଦ୍ଧି ପାଇଥିବା ମନ୍ତ୍ରୀ ଶ୍ରୀ ଚୌହ୍ୱାନ ସୂଚନା ଦେଇଛନ୍ତି।

**V/O– Shivrajsingh Chauhan**

ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଶସ୍ୟ ନଷ୍ଟ ହେଉଥିବା ବିଷୟରେ ଶ୍ରୀ ଚୌହ୍ୱାନ କହିଛନ୍ତି, ଚଳିତ ବର୍ଷ ମହାରାଷ୍ଟ୍ର, ପଞ୍ଜାବ, ଜାମ୍ମୁ ଏବଂ କାଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଖାଦ୍ୟଶସ୍ୟ ଉତ୍ପାଦନରେ ବାଧାସୃଷ୍ଟି ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିପର୍ଯ୍ୟୟ ପ୍ରପୀଡ଼ିତ ବିଭିନ୍ନ ରାଜ୍ୟ ପରିଦର୍ଶନ କରିଥିଲେ। ଏ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା ଲାଗି କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ରାଜ୍ୟକୁ ଏଥିଲାଗି ଆଗୁଆ ଅର୍ଥ ପ୍ରଦାନ କରାଯାଇଛି। ଯାହା ଫଳରେ ସେମାନେ ତୁରନ୍ତ ରିଲିଫ ପ୍ରଦାନ କରିପାରିବେ। ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି, ୨୦୦୪ରୁ ୨୦୧୪ ମଧ୍ୟରେ

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିଗୁଡ଼ିକୁ ୩୮ ହଜାର କୋଟି ଟଙ୍କା ଦିଆଯାଇଥିବାବେଳେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହାକୁ ୧ ଲକ୍ଷ ୨୪ ହଜାର କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି।

## ପିଏମ୍ ଜନମନ-ତ୍ରିପୁରା

ତ୍ରିପୁରାର ୩୦ଟି ଅତ୍ୟନ୍ତ ଦୁର୍ବଳ ଆଦିମ ଜନଜାତି– ପି.ଭି.ଟି.ଜି. ଅଧ୍ୟୁଷିତ ଅଞ୍ଚଳରେ ୨୫ଟି ସଡ଼କ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ୬୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ସଡ଼କ ଯୋଗାଯୋଗ ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ସମ୍ପୃକ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାମାଜିକ ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଆଣିବା ସହ ଅର୍ଥନୈତିକ ବିକାଶ ଓ ବାଣିଜ୍ୟ ବୃଦ୍ଧି ପାଇବ। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକୁ କେନ୍ଦ୍ର ସରକାରଙ୍କ ସମାବେଶୀ ବିକାଶ ଯୋଜନାରେ ସମ୍ପୃକ୍ତ ଅଞ୍ଚଳରେ ପରିବର୍ତ୍ତନରେ ସହାୟକ ହେବ ବୋଲି କୁହାଯାଇଛି।

## ଏଲ୍‌ଏସ୍-ଇଣ୍ଡିଗୋ କ୍ରାଇସିସ୍

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ଇଣ୍ଡିଗୋ ବିମାନ ଉଡ଼ାଣ ନେଇ ସୃଷ୍ଟି ହୋଇଥିବା ସମସ୍ୟା ପରିଚାଳନାଗତ ତ୍ରୁଟି ଥିଲା ଏବଂ ଏହାକୁ ତ୍ୱରିତ ଭାବରେ ପୁନଃସ୍ଥାପିତ କରାଯାଉଛି। ଲୋକସଭାରେ ଆଜି ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି, ଅନେକ ବିମାନ ଉଡ଼ାଣ ରଦ୍ଦ ପାଇଁ ଇଣ୍ଡିଗୋ ସମ୍ପୂର୍ଣ୍ଣ ଭାବରେ

ଦାୟୀ। ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ସମ୍ପୃକ୍ତ ବିମାନ ସେବା ପ୍ରଦାନକାରୀ କମ୍ପାନୀକୁ ନୋଟିସ ଜାରି କରିଥିବା ବେଳେ, ମିଳିଥିବା ରିପୋର୍ଟ ଆଧାରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି। ସେ କହିଛନ୍ତି, ଏଭଳି ତ୍ରୁଟି ବିଚ୍ୟୁତିକୁ କଦାପି ବରଦାସ୍ତ କରାଯିବ ନାହିଁ। ସରକାର ଏ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ଯାତ୍ରୀମାନଙ୍କ ସହଜଯାତ୍ରାକୁ ଗୁରୁତ୍ୱ ଦିଆଯାଉଛି। ଇତିମଧ୍ୟରେ ଇଣ୍ଡିଗୋ ପକ୍ଷରୁ ଯାତ୍ରୀମାନଙ୍କୁ ୭୫୦ କୋଟି ଟଙ୍କା ଫେରସ୍ତ କରାଯାଇଥିବା ଏବଂ କୌଣସି ଅଧିକ ଦେୟ ନ ଦେଇ ପୁନଃବୁକିଂ କାର୍ଯ୍ୟ ଶେଷ ହୋଇଥିବା ସେ ଗୃହକୁ ସୂଚନା ଦେଇଛନ୍ତି।

ବିରୋଧୀ ଦଳ ଗୁଡ଼ିକ ଏ ସମ୍ପର୍କରେ ଆଲୋଚନା ଦାବି କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କକ୍ଷତ୍ୟାଗ କରିଥିଲେ।

## ସାଗର ବନ୍ଧୁ-ଶ୍ରୀଲଙ୍କା

ସାଗର ବନ୍ଧୁ ଅଭିଯାନରେ ଭାରତୀୟ ସେନା ବାତ୍ୟା 'ଦିତ୍ୱା' ପ୍ରଭାବିତ ଶ୍ରୀଲଙ୍କାରେ ମାନବିକ ସହାୟତା କାର୍ଯ୍ୟକ୍ରମ ଜାରି ରଖିଛି। ଶ୍ରୀଲଙ୍କାର ସେନା ଏବଂ ପ୍ରଶାସନ ସହ ମିଳିତ ଭାବେ ଭାରତ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ସହାୟତା ଓ ଉଚ୍ଚମାନର ମେଡିକାଲ ସହାୟତା ଯୋଗାଇ ଦେଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜାଫ୍‌ନାର ବାତ୍ୟା କ୍ଷତିଗ୍ରସ୍ତ ପୁଲିୟାମ୍ପୋକନ୍ନାଇ ସେତୁର ପୁନରୁଦ୍ଧାର କାର୍ଯ୍ୟ ଭାରତୀୟ ସେନାର ଇଞ୍ଜିନିୟରମାନେ କରୁଛନ୍ତି। ଆସନ୍ତାକାଲି ସୁଦ୍ଧା ଏହି ସେତୁ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି।

# ଆଇପିଏଲ୍

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ– ବି.ସି.ସି.ଆଇ ୨୦୨୬ ଭାରତୀୟ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ଆଇପିଏଲ୍ ପାଇଁ ନିଲାମ ହୋଇଥିବା ଖେଳାଳିଙ୍କ ତାଲିକା ପ୍ରକାଶ କରିଛି। ଆଇପିଏଲ୍ କାର୍ଯ୍ୟକ୍ରମରେ ୨୪୦ ଜଣ ଭାରତୀୟଙ୍କ ସମେତ ୧୧୦ ଜଣ ବିଦେଶୀ ଖେଳାଳି ଭାଗ ନେବେ। ନିଲାମ ପାଇଁ ୧ ହଜାର ୩୯୦ ଜଣ ଖେଳାଳି ପଞ୍ଜୀକୃତ ହୋଇଥିବା ବେଳେ ୩୫୦ ଖେଳାଳିଙ୍କୁ ତାଲିକାଭୁକ୍ତ କରାଯାଇଛି। ଚଳିତ ବର୍ଷ ନିଲାମ ପ୍ରକ୍ରିୟାରେ ପୂର୍ବରୁ କୌଣସି ଆନ୍ତର୍ଜାତିକ ମ୍ୟାଚ୍ ଖେଳି ନ ଥିବା ୨୨୪ ଜଣ ଭାରତୀୟ ଏବଂ ୧୪ ଜଣ ବିଦେଶୀ ଖେଳାଳି ଅଛନ୍ତି। ଆସନ୍ତା ୧୬ ତାରିଖରେ ଆବୁଧାବିରେ ଅନ୍ତିମ ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହେବ।

ଏ ପର୍ଯ୍ୟନ୍ତ ୧୭୩ ଜଣ ଖେଳାଳି ନିଜ ଟିମ୍‌ରେ ରହିଛନ୍ତି। ଏହି ନିଲାମରେ ସର୍ବନିମ୍ନ ଡାକ ୨ କୋଟି ଟଙ୍କା ରଖାଯାଇଛି ଏବଂ ୪୦ ଜଣ ଖେଳାଳି ଏହି ବର୍ଗରେ ଅଛନ୍ତି।

# କ୍ରିକେଟ୍

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଓଡ଼ିଶାର କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଖେଳାଯିବ । ଭାରତୀୟ ସମୟ ସଂଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ ।

ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଦିନ ଚଣ୍ଡିଗଡର ମୁଲାନପୁରରେ ଖେଳାଯିବାକୁ ଥିବାବେଳେ ତୃତୀୟ ମ୍ୟାଚ୍ ଧର୍ମଶାଳାରେ, ଚତୁର୍ଥ ମ୍ୟାଚ୍ ଲକ୍ଷ୍ନୌରେ ଏବଂ ପଞ୍ଚମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । ସୂଚନାଯୋଗ୍ୟ ଭାରତ ଦିନିକିଆ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାକୁ ୨-୧ରେ ପରାସ୍ତ କରିଛି ।